ଓଡିଶା ରାଜ୍ୟ ସଡକ ପରିବହନ ନିଗମ, ଭୁବନେଶ୍ୱର ,

ନଂ...୨୦୮୯.../ଭୁବନେଶ୍ୱର ତା...୨୪/୦୧/୨୦୧୯

# ବିଜ୍ଞାପନ

ଓଡିଶା ରାଜ୍ୟ ସଡକ ପରିବହନ ନିଗମରେ ଥିବା ଶାଖା ଗୁଡିକ ପାଇଁ ଦରକାର ହେଉଥିବା ଚୁକ୍ତିଭିତ୍ତିକ ଡ୍ରାଇଭର ମାସିକ ପାରିଶ୍ରମିକ ଟ.୧୨,୯୦୦/- ହାରରେ ଏବଂ ଚୁକ୍ତି ଭିତ୍ତିକ କଣ୍ଡକ୍ଟର ମାସିକ ପାରିଶ୍ରମିକ ଟ.୧୧,୧୦୦/-ହାରରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି କୃତକାର୍ଯ୍ୟ ହେଲେ ଉକ୍ତ ଚୁକ୍ତିଭିତ୍ତିକ କଣ୍ଡକ୍ଟର ଓ ଚୁକ୍ତିଭିତ୍ତିକ ଡ୍ରାଇଭର ମାନଙ୍କୁ ନିମ୍ନଲିଖିତ ମଣ୍ଡଳ ଅଧିନରେ ଥିବା ଶାଖା ମାନଙ୍କରେ ଅବସ୍ଥାପିତ କରାଯିବ ।

ନିମ୍ନଲିଖିତ ସର୍ତ୍ତାବଳୀ ପୁରଣ କରିଥିବା ପ୍ରାର୍ଥୀମାନେ ନିଗମର ଶାଖା ଜିଲ୍ଲା ପରିବହନ ପରିଚାଳକଙ୍କ ନିକଟରେ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ସଂଲଗ୍ନିତ ଦରଖାସ୍ତ ଫର୍ମ ଦାଖଲ କରିବା ସହ ସାକ୍ଷାତ କାର ଦେଇପାରିବେ ।

ସମୟ:-ଦିବା ୧୧ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ

| କାର୍ଯ୍ୟସୂଚୀ | ତାରିଖ | ଚୟନ ହେବାକୁଥିବା ପଦବୀ |
|---|---|---|
| **ଭୁବନେଶ୍ୱର ମଣ୍ଡଳ** | | |
| ୧,ଜିଲ୍ଲା ପରିବହନ ପରିଚାଳକ(ମାଳତୀପାଟପୁର)- | ତା ୦୨.୦୨.୨୦୧୯ | ଡ୍ରାଇଭର ଓ କଣ୍ଡକ୍ଟର |
| ୨.ଜିଲ୍ଲାପରିବହନ ପରିଚାଳକ,ଭୁବନେଶ୍ୱର- | ତା.୦୪.୦୨.୨୦୧୯ | ଡ୍ରାଇଭର ଓ କଣ୍ଡକ୍ଟର |
| ୩.ଜିଲ୍ଲାପରିବହନ ପରିଚାଳକ,କଟକ - | ତା.୦୬.୦୨.୨୦୧୯ | ଡ୍ରାଇଭର ଓ କଣ୍ଡକ୍ଟର |
| ୪.ଜିଲ୍ଲା ପରିବହନ ପରିଚାଳକ, କେନ୍ଦୁଝର- | ତା ୦୮.୦୨.୨୦୧୯ | ଡ୍ରାଇଭର ଓ କଣ୍ଡକ୍ଟର |
| ୫, ଜିଲ୍ଲା ପରିବହନ ପରିଚାଳକ,ଅନୁଗୁଳ- | ତା.୧୧.୨.୨୦୧୯ | ଡ୍ରାଇଭର ଓ କଣ୍ଡକ୍ଟର |
| **ସମ୍ବଲପୁର ମଣ୍ଡଳ** | | |
| ୬.ଜିଲ୍ଲା ପରିବହନ ପରିଚାଳକ,ସମ୍ବଲପୁର- | ତା.୧୬.୦୨.୨୦୧୯ | ଡ୍ରାଇଭର ଓ କଣ୍ଡକ୍ଟର |
| ୭.ଜିଲ୍ଲା ପରିବହନ ପରିଚାଳକ,ରାଉରକେଲା- | ତା.୦୫.୦୨.୨୦୧୯ | ଡ୍ରାଇଭର ଓ କଣ୍ଡକ୍ଟ |
| ୮.ଜିଲ୍ଲା ପରିବହନ ପରିଚାଳକ,ସୁନ୍ଦରଗଡ- | ତା.୦୬.୦୨.୨୦୧୯ | ଡ୍ରାଇଭର ଓ କଣ୍ଡକ୍ଟର |
| ୯.ଜିଲ୍ଲା ପରିବହନ ପରିଚାଳକ,ଦେଓଗଡ- | ତା.୦୭.୦୨.୨୦୧୯ | ଡ୍ରାଇଭର ଓ କଣ୍ଡକ୍ଟର |

୧୦.ଜିଲ୍ଲା ପରିହବନ ନରିଚାଳକ,ବରଗଡ- ତା.୧୧.୦୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୧୧.ଜିଲ୍ଲା ପରିବହନ ପରିଚାଳକ,ପଦ୍ମପୁର- ତା.୧୩.୦୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୧୨.ଜିଲ୍ଲା ପରିବହନ ପରିଚାଳକ,ନୂଆପଡା- ତା.୧୪.୦୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୧୩.ଜିଲ୍ଲା ପରିବହନ ପରିଚାଳକ,ବଲାଙ୍ଗିରୀ- ତା.୧୨.୦୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

ବ୍ରହ୍ମପୁର ମଣ୍ଡଳ

୧୪.ଜିଲ୍ଲା ପରିବହନ ପରିଚାଳକ, ବ୍ରହ୍ମପୁର- ତା.୧୫.୦୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୧୫.ଜିଲ୍ଲା ପରିବହନ ପରିଚାଳକ, ଭଞ୍ଜନଗର- ତା.୦୧.୦୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୧୬.ଜିଲ୍ଲା ପରିବହନ ପରିଚାଳକ,ଫୁଲବାଣୀ- ତା.୦୨.୦୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୧୭.ଜିଲ୍ଲା ପରିବହନ ପରିଚାଳକ,ଭବନୀପାଟଣା-ତା.୦୫.୦୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୧୮.ଜିଲ୍ଲା ପରିବହନ ପରିଚାଳକ, ଜୟପୁର- ତା.୦୮.୦୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୧୯.ଜିଲ୍ଲା ପରିବହନ ପରିଚାଳକ,ମାଲକାନଗିରୀ- ତା.୦୭.୦୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୨୦.ଜିଲ୍ଲା ପରିବହନ ପରିଚାଳକ, ନବରଙ୍ଗପୁର- ତା.୦୬.୦୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୨୧.ଜିଲ୍ଲାପରିବହନ ପରିଚାଳକ, ବିଜୟନଗରମ- ତା.୧୨.୦୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୨୨. ଜିଲ୍ଲାପରିବହନ ପରିଚାଳକ, ରାୟଗଡା - ତା.୧୩.୦୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

୨୩. ଜିଲ୍ଲାପରିବହନ ପରିଚାଳକ, ପାରଳାଖେମୁଣ୍ଡି-ତା.୧୪.୦୨.୨୦୧୯ ଡ୍ରାଇଭର ଓ କଣ୍ଡକ୍ଟର

**ସର୍ତ୍ତାବଳୀ:-**

**ଡ୍ରାଇଭର ପଦବୀ ନିମନ୍ତେ**

୧.ବୈଧ ହେଭି ପବ୍ଲିକ ଭେଇକିଲ ଡ୍ରାଇଭିଂ ଲାଇସେନ୍ସ ।

୨. ପବ୍ଲିକ ସର୍ଭିସ ବ୍ୟାଚ ଏବଂ ଫାଷ୍ଟଏଡ ସାର୍ଟିଫିକେଟ

୩.ଅତିକମରେ 3 ବର୍ଷ ପବ୍ଲିକ ବସ ଚଳାଇବା ଅଭିଜ୍ଞତା

4. ଦୃଷ୍ଟିଶକ୍ତି ଠିକଥିବା ସର୍ବନିମ୍ନ ଉଚ୍ଚତା 5.3 ଏବଂ ଛାତିର ସର୍ବନିମ୍ନ ପ୍ରଶସ୍ତି 32 ରୁ 34 ଥିବା ଦରକାର

5. ଜାତିଗତ ପ୍ରମାଣପତ୍ର ।

୬.ଶିକ୍ଷାଗତ ପ୍ରମାଣପତ୍ର ।

୭. ଅନ୍ୟାନ୍ୟ ଯୋଗ୍ୟତା ତଥା ଅଭିଜ୍ଞତା ଯଦିଥାଏ ତାର ପ୍ରମାଣପତ୍ର(**Volvo** ବସ୍ ଚଳାଇବାର ଅଭିଜ୍ଞତା,କମ୍ପ୍ୟୁଟର ଟ୍ରେନିଙ୍ଗ ପ୍ରମାଣପତ୍ର ଇତ୍ୟାଦି)

୮. ସରକାରୀ ଟ୍ରେନିଂସ୍କୁଲରୁ ଗାଡିଚାଳନା ତାଲିମ ପାଇଥିବା ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ

୯.ଦୁଇଗୋଟି ପାସପୋର୍ଟ ଫଟୋଗ୍ରାଫ ଏବଂ ଅଧାର କାର୍ଡର ନକଲ ।

୧୦.ପ୍ରାର୍ଥୀଙ୍କ ବୟସ ୦୧.୦୧.୨୦୧୯ ସୁଦ୍ଧା ୨୧ ବର୍ଷ ରୁ ଉର୍ଦ୍ଧ ଏବଂ ୪୦ ବର୍ଷରୁ କମ୍ ହୋଇଥିବା ଦରକାର । ଆବଶ୍ୟକସ୍ଥଳେ ଉପଲବ୍ଧ ଅଧିକଥିଲେ ଡ୍ରାଇଭର ପଦବୀ ନିମନ୍ତେ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ କୋହଳ କରାଯାଇପାରେ ।

୧୧. ଯୋଗ୍ୟ ବିବେଚିତ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ସମୟରେ ଟ.୧୦,୦୦୦(ଦଶ ହଜାର ଟଙ୍କା) ଅମାନତ ଜମା କରିବାକୁ ପଡିବ ।

୧୨.ସରକାରୀ ନିୟମ ଅନୁସାରେ ବିଭିନ୍ନ ବର୍ଗର ପ୍ରାର୍ଥୀମାନଙ୍କୁ ସଂରକ୍ଷଣ ଭିତ୍ତିରେ ନିଯୁକ୍ତି ଦିଆଯିବ

କଣ୍ଡକ୍ଟର ପଦବୀ ନିମନ୍ତେ:-

୧. ପ୍ରାର୍ଥୀ ଅନୁନ୍ୟ HSC ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

୨. ବୈଧ କଣ୍ଡକ୍ଟର ଲାଇସେନ୍ସ,ବ୍ୟାଚ ଓ ଫାଷ୍ଟଏଡ ସାର୍ଟିଫିକେଟ ।

୩. ଦୃଷ୍ଟିଶକ୍ତି ଠିକ୍‌ଥିବା ସର୍ବନିମ୍ନ ଉଚ୍ଚତା ୫'.୨" ଏବଂ ଛାତିର ସର୍ବନିମ୍ନ ପ୍ରଶସ୍ତି ୩୨" ରୁ ୩୪" ଥିବା ଦରାକର ।

୪. ଜାତିଗତ ପ୍ରମାଣପତ୍ର ।

୫. ଶିକ୍ଷାଗତ ପ୍ରମାଣ ପତ୍ର ।

୬. ଅନ୍ୟାନ୍ୟ ଯୋଗ୍ୟତା ତଥା ଅଭିଜ୍ଞତା ଯଦି ଥାଏ ତାର ପ୍ରମାଣ ପତ୍ର ।

୭.ଦୁଇଗୋଟି ପାସପୋର୍ଟ ଫଟୋଗ୍ରାଫ ଏବଂ ଆଧାର କାର୍ଡର ନକଲ ।

୮.କମ୍ପ୍ୟୁଟର ଯୋଗ୍ୟତା /ଟ୍ରେନିଂ ନେଇଥିବା ପ୍ରମାଣ ପତ୍ର । କମ୍ପ୍ୟୁ ଟ୍ରେନିଙ୍ଗ ଓ ଇ.ଟି.ଏମ୍ ମେସିନ ଚଳାଇବାର ଅଭିଜ୍ଞତା ଥିବା ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବ । ଆବଶ୍ୟକସ୍ଥଳେ ସେମାନଙ୍କୁ କମ୍ପୁଟର ଚାଳକଭାବେ ନିୟୋଜିତ କରାଯାଇପାରେ ।

୯.ପ୍ରାର୍ଥୀଙ୍କ ବୟସ ୦୧.୦୧.୨୦୧୯ ସୁଦ୍ଧା ୨୧ ରୁ ଉର୍ଦ୍ଧ ଏବଂ ୩୨ ବର୍ଷରୁ କମ୍ ହୋଇଥିବା ଦରକାର । ସରକାରଙ୍କ ନିୟମ ଅନୁଯାୟୀ ବିଭିନ୍ନ ବର୍ଗର ପ୍ରାର୍ଥୀମାନଙ୍କୁ ବୟସ ସୀମା କୋହଳ କରାଯିବ ।

୧୦. ଯୋଗ୍ୟ ବିବେଚିତ ପ୍ରାର୍ଥୀମାନଙ୍କୁ ଟ.୩୦.୦୦୦/- (ତିରିଶି ହଜାର ଟଙ୍କା) (୨୫,୦୦୦ ହଜାର ଟଙ୍କା ଅମାନତ ଜମା ଓ ଟ.୫,୦୦୦/-ଟଙ୍କା ରେଜିଷ୍ଟ୍ରସନ ଫିସ ଅଫେରସ୍ତ ଯୋଗ୍ୟ ଅଟେ ) ଜମା କରିବାକୁ ପଡିବ । ମାତ୍ର ନିଯୁକ୍ତି ସମୟରେ ଟ.୧୫,୦୦୦/- ଟଙ୍କା ( ଟ.୧୦,୦୦୦/- ଅମାନତ ଜମା ଓ ଟ.୫,୦୦୦/-ଟଙ୍କା ରେଜିଷ୍ଟ୍ରସନ ଫିସ ଅଫେସସ୍ତ ଯୋଗ୍ୟ )ଜମା କରିବାକୁ ହେବ ଏବଂ ବାକି ଟ.୧୫,୦୦୦/-(ପନ୍ଦର ହଜାର ଟଙ୍କା) ଅମାନତ ଜମା ବାବଦ ମାସିକ ଟ.୧୦୦୦/-(ଏକ ହଜାର ଟଙ୍କା) ହିସାବରେ ଦରମାରୁ କଟା ହେବ ।

୧୧.ସରକାରୀ ନିୟମ ଅନୁସାରେ ବିଭିନ୍ନ ବର୍ଗର ପ୍ରାର୍ଥୀମାନଙ୍କୁ ସଂରକ୍ଷଣ ଭିତ୍ତିରେ ନିଯୁକ୍ତି ଦିଆଯିବ ।

ଏହାର ସବିଶେଷ ବିବରଣୀ OSRTC web site www.osrtc.in ରେ ଉପଲବ୍ଧ ।

ଅଧକ୍ଷ୍ୟ ତଥା ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶକ୍ରମେ

ସାଧାରଣ ପରିଚାଳକ(ପ୍ରଶାସନ)

ଓଡିଶା ରାଜ୍ୟ ସଡକ ପରବହନ ନିଗମ,ଭୁବନେଶ୍ୱର

Memo.No. ୦୦୮୦ OSRTC, Bhubaneswar ,dt ୨୧ .01.2019

TZE(A)-71/11

**Copy to Senior Manager, MIS for information and necessary action.**
**He is requested to upload the advertisement in the official web-site for wide circulation.**

**GENERAL MANAGER(ADM)**
**OSRTC, Bhubaneswar.**